# NATIONAL NEWS BULLETIN (ODIA)

**25 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସମର୍ଥ ଏବଂ ଶୃଙ୍ଖଳିତ ଯୁବପିଢ଼ୀ ଦେଶର ଭବିଷ୍ୟତ ବୋଲି କହିଲେ ପ୍ରଧାନମନ୍ତ୍ରୀ ।

- ନିଃସ୍ୱାର୍ଥପର ସାହସିକ କାର୍ଯ୍ୟ ପାଇଁ ଆସନ୍ତାକାଲି ୨୦ଜଣ ଶିଶୁଙ୍କୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ।

- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ ଅବସରରେ ଆଜି ଅପରାହ୍ଣରେ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ପ୍ରେରଣାସ୍ଥଳକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

ଏବଂ

- ପ୍ରଭୁ ଯୀଶୁଙ୍କ ଜନ୍ମଦିନକୁ ଖ୍ରୀଷ୍ଟପର୍ବ ଭାବେ ଆଜି ବିଶ୍ୱବ୍ୟାପୀ କରାଯାଉଛି ପାଳନ ।

- ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

## ପିଏମ୍ ସାଂସଦ ଖେଳ ମହୋତ୍ସବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସାଂସଦ ଖେଳ ମହୋତ୍ସବ ଯୋଗୁଁ ଦେଶରେ ହଜାର ହଜାର କ୍ରୀଡ଼ାବିତ୍ ସୃଷ୍ଟି ହୋଇଛନ୍ତି । ଆଜି ସାଂସଦ ଖେଳ ମହୋତ୍ସବକୁ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି ସାଂସଦ ଖେଳ ମହୋତ୍ସବର ପରିସର ବ୍ୟାପକ

ହୋଇଛି ଏବଂ ଏହାର ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି । ସେ କହିଛନ୍ତି ଏହି କ୍ରୀଡ଼ା ପର୍ବ ଯୁବଶକ୍ତିକୁ ଦେଶ ଗଠନର ମନ୍ତ୍ରରେ ଅଭିଷିକ୍ତ କରାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ହାର୍ ଜିତ୍‌ଠାରୁ ଊର୍ଦ୍ଧ୍ୱରେ ରହି କ୍ରୀଡ଼ାବିତ୍‌ମାନେ ସେମାନଙ୍କର ଖେଳୁଆଡ ମନୋଭାବ ଜରିଆରେ ପ୍ରତ୍ୟେକ କ୍ରୀଡ଼ାର ବିକାଶ ଲାଗି ଅବଦାନ ଦେଉଛନ୍ତି । ସମର୍ଥ ଏବଂ ଶୃଙ୍ଖଳିତ ଯୁବପିଢ଼ୀ ଦେଶର ଭବିଷ୍ୟତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Modi on Sansad Khel Mohotshab)**

ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୩୦ରେ ଭାରତ ଅହମ୍ମଦାବାଦରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଯାଉଛି । ଏହାଉପରେ ସାରା ବିଶ୍ୱର ନଜର ରହିଛି ବୋଲି ସେ କହିଛନ୍ତି । ୨୦୩୬ ଅଲମ୍ପିକ୍ସ ଆୟୋଜନ କରିବା ନେଇ ଭାରତ ଉଦ୍ୟମ କରୁଥିବା ସେ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଯେଉଁମାନେ ଆଗାମୀ ଦିନରେ ଭାରତର ପ୍ରତିନିଧିତ୍ୱ କରିବେ ସେମାନଙ୍କ ବୟସ ଏବେ ୧୦ରୁ ୧୨ବର୍ଷ ହୋଇଥିବ ।

ତେଣୁ ବର୍ତ୍ତମାନଠାରୁ ସେମାନଙ୍କୁ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ସମର୍ଥ କରିବା ଲାଗି ସାଂସଦ ଖେଳ ମହୋତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

**V/O (PM Modi on Comonwealth Games)**

ଏହି ଅବସରରେ ପ୍ରଧାନମନ୍ତ୍ରୀ ପିତାମାତାମାନଙ୍କୁ ସୋମାନଙ୍କ ପିଲାକୁ କ୍ରୀଡ଼ାପ୍ରତି ଉତ୍ସାହ ସୃଷ୍ଟି କରିବା ଲାଗି ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି କ୍ରୀଡ଼ା କେବଳ ଶିକ୍ଷଣର ଏକ ଅଂଶବିଶେଷ ନୁହେଁ ବରଂ ଏହା ଏକ ସୁଯୋଗ । ସେ କହିଛନ୍ତି ଏକ ସୁସ୍ଥମନ ଏବଂ ସୁସ୍ଥ ଶରୀର ପାଇଁ କ୍ରୀଡ଼ା ଅତ୍ୟନ୍ତ ଅପରିହାର୍ଯ୍ୟ ।

# ରାଷ୍ଟ୍ରୀୟ ବାଲ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀର ବୀର୍ ବାଲ୍ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରିବେ । କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୦ଜଣ ଶିଶୁଙ୍କୁ ସେମାନଙ୍କ ସାହସ, କ୍ରୀଡ଼ା ଏବଂ ସାମାଜିକ ସେବା ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବୀର୍‌ବାଲ ଦିବସ ଅବସରରେ ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସମ୍ବୋଧନ କରିବେ । ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ନିଃସ୍ୱାର୍ଥପର ସେବା, ସାହସ ଏବଂ ଦୃଢ଼ତା ସମ୍ବଳିତ ଘଟଣା ସମ୍ପର୍କରେ ଉପସ୍ଥାପନ କରାଯିବ । କାର୍ଯ୍ୟକ୍ରମରେ ଦେଶର ସାଂସ୍କୃତିକ ବିବିଧତା ଓ ଐତିହ୍ୟର ପ୍ରଦର୍ଶନ ମଧ୍ୟ କରାଯିବାକୁ ନିଷ୍ପତ୍ତି ହୋଇଛି । କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।

---

# ବାଜପେୟୀ-ଟ୍ରିବ୍ୟୁଟ ପାର୍ଲ୍ୟାମେଣ୍ଟ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀ ଅବସରରେ ଆଜି ଦେଶବ୍ୟାପୀ ସୁଶାସନ ଦିବସ ପାଳନ କରାଯାଉଛି । ଦେଶବାସୀଙ୍କୁ ସ୍ୱଚ୍ଛ ଶାସନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳିତ ହେଉଛି । ଏହି ଅବସରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ହରି ବଂଶ ଓ ରାଜ୍ୟସଭାର ନେତା ଜେ.ପି.ନଡ୍ଡା, କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ, ଅର୍ଜୁନରାମ ମେଘୱାଲ ଏବଂ ଡକ୍ଟର ଜିତେନ୍ଦ୍ର ସିଂହ, ବର୍ତ୍ତମାନ ଓ ପୂର୍ବତନ ସାଂସଦମାନେ ସଂସଦ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

ସମ୍ବିଧାନ ସଦନରେ ଥିବା ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି ।

## ପିଏମ୍-ପ୍ରେରଣାସ୍ଥଳ

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ଲକ୍ଷ୍ନୌ ଗସ୍ତ କରିବେ । ଅପରାହ୍ଣ ପ୍ରାୟ ୨ଟା ୩୦ ମିନିଟ୍ ସମୟରେ ଶ୍ରୀ ମୋଦୀ ଲକ୍ଷ୍ନୌସ୍ଥିତ ରାଷ୍ଟ୍ର ପ୍ରେରଣାସ୍ଥଳକୁ ଉଦ୍‌ଘାଟନ କରିବା ସହିତ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଏହି ସ୍ଥଳକୁ ଏକ ଐତିହାସିକ ଜାତୀୟ ସ୍ମାରକୀ ଏବଂ ନିରନ୍ତର ଜାତୀୟ ମହତ୍ତ୍ୱର ପ୍ରେରଣାଦାୟକ ଭାବେ ବିକଶିତ କରାଯାଇଛି । ୬୫ ଏକର ପରିବ୍ୟାପ୍ତ ଏହି ସ୍ଥଳୀ ନିର୍ମାଣ ପାଇଁ ପ୍ରାୟ ୨୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ନେତୃତ୍ୱ, ମୂଲ୍ୟବୋଧ, ଜାତୀୟ ସେବା, ସାଂସ୍କୃତିକ ଚେତନା ଓ ସାର୍ବଜନୀନ ପ୍ରେରଣାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ସ୍ଥଳୀକୁ ଏକ ଜାତୀୟ ସମ୍ପତ୍ତି ଭାବେ ଉତ୍ସର୍ଗ କରାଯିବ । ଏହି ସ୍ଥଳୀରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏବଂ ଅଟଳ ବିହାରୀ ବାଜପେୟୀଙ୍କ ୬୫ ଫୁଟ ଉଚ୍ଚତାର ବ୍ରୋଞ୍ଜ ପ୍ରତିମୂର୍ତ୍ତି ରହିଛି । ପ୍ରାୟ ୯୮ ହଜାର ବର୍ଗଫୁଟ ଅଞ୍ଚଳରେ ପଦ୍ମ ଆକୃତିରେ ଗଠନ କରାଯାଇଥିବା ଏହି ସ୍ଥଳୀରେ ଏକ ଅତ୍ୟାଧୁନିକ ସଂଗ୍ରହାଳୟ ରହିଛି । ଦେଶର ଯାତ୍ରା ଏବଂ ଦୂରଦୃଷ୍ଟି ସଂପନ୍ନ ନେତାଙ୍କ ଅବଦାନକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସେଠାରେ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା ରହିଛି ।

## ପିଏମ୍ ଗ୍ରାମସଡ଼କ ଯୋଜନା

ଦେଶର ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଅତ୍ୟନ୍ତ ପ୍ରଭାବଶାଳୀ ପଦକ୍ଷେପ ସ୍ୱରୂପ ଜାରି ରହିଥିବା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ

ଯୋଜନାକୁ ଆଜି ୨୫ ବର୍ଷ ପୂରଣ ହୋଇଛି । ସଡ଼କ ଯୋଗାଯୋଗ ନଥିବା ବିଭିନ୍ନ ଗ୍ରାମାଞ୍ଚଳରୁ ସବୁଦିନିଆ ସଂଯୋଗ ସ୍ଥାପନ ଲାଗି ୨୦୦୦ମସିହା ଆଜିର ଦିନରେ ଏହି ଯୋଜନାର ଶୁଭାରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା, କୃଷିକ୍ଷେତ୍ରର ବିକାଶ ସହ ନିଯୁକ୍ତି ସୃଷ୍ଟି, ଉତ୍ତମ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଯୋଗାଇଦେବା ତଥା ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ଏହି ଯୋଜନା ଆରମ୍ଭ ହେବା ପରେ ଏପର୍ଯ୍ୟନ୍ତ ୮ଲକ୍ଷ ୨୫ହଜାର କିଲୋମିଟରରୁ ଅଧିକ ଗ୍ରାମୀଣ ସଡ଼କ ନିର୍ମାଣ ପାଇଁ ଅନୁମୋଦନ ଦିଆଯାଇଥିବାବେଳେ ୭ଲକ୍ଷ ୮୭ହଜାର କିଲୋମିଟରରୁ ଅଧିକ ରାସ୍ତା ନିର୍ମାଣ ହୋଇଛି । ଏହି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୧୯ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ୨୦୨୮-୨୯ ସୁଦ୍ଧା ୬୨ହଜାର ୫୦୦ କିଲୋମିଟର ରାସ୍ତା ନିର୍ମାଣ ଲାଗି ଲକ୍ଷ୍ୟ ରଖାଯାଇଛି । ଏଥିଲାଗି ମୋଟ୍ ୭୦ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯିବ ।

## ପ୍ରେଜ୍ କନଷ୍ଟିଚ୍ୟୁସନ

ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାନ୍ତାଳି ଭାଷାରେ ସମ୍ବିଧାନର ସଂସ୍କରଣ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ସାନ୍ତାଳି ଲୋକମାନଙ୍କ ପାଇଁ ଏହା ଅତ୍ୟନ୍ତ ଗର୍ବ ଏବଂ ଗୌରବର କଥା ଯେ ଅଲ୍-ଚିକି ଲିପିରେ ଲିଖିତ ସମ୍ବିଧାନର ସାନ୍ତାଳି ଭାଷାର ସଂସ୍କରଣ ଉପଲବ୍ଧ ହେବ । ଏହାଦ୍ୱାରା ସେମାନେ ସମ୍ବିଧାନକୁ ପଢ଼ିବା ସହ ବୁଝିପାରିବେ । ଚଳିତବର୍ଷ ଅଲ୍‌ଚିକି ଲିପିର ଶତବାର୍ଷିକୀ ପାଳନ ହେଉଥିବାବେଳେ କେନ୍ଦ୍ର ବିଧି ଏବଂ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ସାନ୍ତାଳି

ଭାଷାରେ ସମ୍ବିଧାନର ସଂସ୍କରଣ ପାଇଁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି । କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ବିଧି ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ୨୦୦୩ ମସିହାରେ ୯୨ତମ ସମ୍ବିଧାନ ସଂଶୋଧନ କରାଯାଇ ସାନ୍ତାଳି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦ୍ୟରେ ସାମିଲ କରାଯାଇଥିଲା । ଏବେ ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ବିହାରର ଅନେକ ଆଦିବାସୀ ସମ୍ପ୍ରଦାୟର ଲୋକେ ସାନ୍ତାଳି ଭାଷା ବ୍ୟବହା କରନ୍ତି ।

---

## ପ୍ରେଜ୍-ଖ୍ରୀଷ୍ଟମାସ

ଆଜି ବିଶ୍ୱବ୍ୟାପୀ ଆନନ୍ଦ ଉଲ୍ଲାସର ସହ ଖ୍ରୀଷ୍ଟପର୍ବ ପାଳନ କରାଯାଉଛି । ଏହି ଅବସରରେ ଦେଶବ୍ୟାପୀ ବିଭିନ୍ନ ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ବ୍ୟକ୍ତିମାନେ ଏକତ୍ରିତ ହୋଇ ପ୍ରାର୍ଥନା କରୁଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧମ ପୋଷ୍ଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ମାନବତାର କଲ୍ୟାଣ ଲାଗି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବଳିଦାନ ଆମ ସମସ୍ତଙ୍କୁ ମନେ ପକାଇ ଦେଇଥାଏ । ସେ କହିଛନ୍ତି ଖ୍ରୀଷ୍ଟମାସ ଲୋକମାନଙ୍କ ମଧ୍ୟରେ ଶାନ୍ତି, ଏକତା, ସମାନତା ଓ ସେବା ମନୋଭାବ ଦୃଢ଼ କରିଥାଏ । ଯୀଶୁଖ୍ରୀଷ୍ଟଙ୍କ ପଥ ଅନୁସରଣ କରି ସମାଜରେ ଦୟା ଏବଂ ପରସ୍ପର ମଧ୍ୟରେ ସଂହତି ସ୍ଥାପନ କରିବା ଦିଗରେମାନବ ସମାଜ ଅଗ୍ରସର ହେବା ଆବଶ୍ୟକ ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଯୀଶୁଖ୍ରୀଷ୍ଟଙ୍କ ବାଣୀ ଲୋକମାନଙ୍କୁ ଆହୁରି ଦୃଢ଼ କରିବା ସହ ସମାଜ ପ୍ରତି ଯତ୍ନଶୀଳ ହେବାର ବାର୍ତ୍ତା ଦେଇଥାଏ । ସାମାଜିକ ବନ୍ଧନ ଏବଂ ଶାନ୍ତି ସ୍ଥାପନ ଦିଗରେ ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷାର ଗୁରୁତ୍ୱ ରହିଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଦିଲ୍ଲୀର ଏକ ଚର୍ଚ୍ଚରେ ଖ୍ରୀଷ୍ଟମାସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ପ୍ରଭୁ ଯୀଶୁଖ୍ରୀଷ୍ଟ ସ୍ନେହ, ଶାନ୍ତି ଏବଂ ଦୟାର ଅବତାର ଥିଲେ । ଖ୍ରୀଷ୍ଟମାସ ଅବସରରେ ସମାଜରେ ସଂହତି ଓ ସଦିଚ୍ଛା ସ୍ଥାପନ ହେଉ ବୋଲି ସେ କାମନା କରିଛନ୍ତି ।

............................................................................